# NATIONAL NEWS BULLETIN (ODIA)

**10 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ଆଜିଠାରୁ ଦୁଇଦିନିଆ ନିର୍ବାଚନ ପ୍ରଚାର ଆରମ୍ଭ କରିବେ ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦି ।

- ଅକ୍ଷୟ ତୃତୀୟା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

- ଧାର୍ମିକ ସଂରକ୍ଷଣ ଆଣି କଂଗ୍ରେସ ସମ୍ବିଧାନକୁ ବଦଳାଇବାକୁ ଚେଷ୍ଟା କରୁଛି ବୋଲି ବିଜେପିର ଅଭିଯୋଗ ।

- ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ରହିବ ନାହିଁ – ସୂଚନା ଦେଲା ପାଣିପାଗ ବିଭାଗ

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ମୁକାବିଲା ।

## ପିଏମ୍–ଓଡ଼ିଶା

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦି ଆଜିଠାରୁ ଓଡିଶାରେ ଦୁଇ ଦିନିଆ ନିର୍ବାଚନ ପ୍ରଚାର ଆରମ୍ଭ କରିବେ ।

ଆଜି ସନ୍ଧ୍ୟାରେ ସେ ଭୁବନେଶ୍ୱରରେ ପ୍ରାୟ ଅଢ଼େଇ କିଲୋମିଟରର ର ଏକ ଭବ୍ୟ ରୋଡ୍ ସୋ' କରିବାର କାର୍ଯ୍ୟସୂଚୀ ରହିଛି। ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବାକୁ ଥିବା ୪ଟି ପର୍ଯ୍ୟାୟ ମତଦାନରେ ରାଜ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରଦାର କରାଯାଇଛି । ଶ୍ରୀ ମୋଦିଙ୍କ ରୋଡ୍ ସୋ' ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆସନ୍ତାକାଲି କନ୍ଧମାଳ, ବଲାଙ୍ଗୀର ଓ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ୩ଟି ସମାବେଶକୁ ଶ୍ରୀ ମୋଦି ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

## ଗ୍ରୀଷ୍ମ ପ୍ରବାହ

ଦେଶରେ ଆସନ୍ତା ୧୩ ତାରିଖ ସୋମବାର ଦିନ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ରହିବ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ମତଦାନ ହେବ। ସେଗୁଡ଼ିକ ହେଲା ଉତ୍ତରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଜମ୍ମୁ-କଶ୍ମୀର।

ଆଇଏମଡିର ବରିଷ୍ଠ ବୈଜ୍ଞାନିକ ଆର୍.କେ ଜେନାମଣି କହିଛନ୍ତି, ପଶ୍ଚିମ ରାଜସ୍ଥାନ ବ୍ୟତୀତ ଭାରତର କୌଣସି ସ୍ଥାନରେ ଗ୍ରୀଷ୍ମ ପ୍ରବାହ

ନାହିଁ। ଆସନ୍ତାକାଲିଠାରୁ ମଧ୍ୟ ପଶ୍ଚିମ ରାଜସ୍ଥାନରେ ଗ୍ରୀଷ୍ମ ପ୍ରବାହ କମିବା ନେଇ ପୂର୍ବାନୁମାନ କରାଯାଇଛି ।

ପୂର୍ବ ଓ ଦକ୍ଷିଣ-ପୂର୍ବ ଉପଦ୍ୱୀପ ଭାରତ ଏବଂ କର୍ଣ୍ଣାଟକର ଆଭ୍ୟନ୍ତରୀଣ ଅଞ୍ଚଳରେ ଲାଗି ରହିଥିବା ଗ୍ରୀଷ୍ମ ପ୍ରବାହ ଶେଷରେ ହ୍ରାସ ପାଇଛି। ଗାଙ୍ଗେୟ ପଶ୍ଚିମବଙ୍ଗ, ବିହାର ଓ ଉତ୍ତରପ୍ରଦେଶ ସମେତ ଭାରତର ଅନେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରି ତଳେ ରହିବ।

ଉତ୍ତର-ପଶ୍ଚିମ, ପଶ୍ଚିମ ହିମାଳୟ ଅଞ୍ଚଳ ଏବଂ ଭାରତର ଦକ୍ଷିଣ ଭାଗରେ ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ତାମିଲନାଡୁ, କେରଳ ଏବଂ ଆଭ୍ୟନ୍ତରୀଣ କର୍ଣ୍ଣାଟକ ସମେତ ଦକ୍ଷିଣ ଭାରତର କେତେକ ସ୍ଥାନରେ ଆସନ୍ତା ଦୁଇ ଦିନ ପାଇଁ ସତର୍କତା ଜାରି କରାଯାଇଛି।

## ଜାହାଜ ନିର୍ମାଣ

ଜାହାଜ ନିର୍ମାଣ ପାଇଁ ସ୍ୱଦେଶୀ ସାମୁଦ୍ରିକ ଗ୍ରେଡ୍‌ର ଆଲୁମିନିୟମ ଉତ୍ପାଦନ ଏବଂ ଯୋଗାଣ ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଭାରତୀୟ ତଟରକ୍ଷୀ ବାହିନୀ ବର୍ତ୍ତମାନ ଆଲୁମିନିୟମ ୍ ହଲ୍ ଥିବା ଶତଷଠି ଟି ଜାହାଜ କୁ ଅଳ୍ପ ଜଳରେ ଚଳାଚଳ କରିବାର କ୍ଷମତା ରଖିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଉପକୂଳ ସୁରକ୍ଷାକୁ ଆହୁରି ବଢ଼ାଇବା ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ଏଭଳି ଅଧିକ ଜାହାଜ ସାମିଲ କରିବାକୁ ଯୋଜନା କରିଛି, ଯେଉଁଥିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସାମୁଦ୍ରିକ ଗ୍ରେଡ୍ ଆଲୁମିନିୟମ ବ୍ୟବହାର କରାଯିବ।

# ଭାରତ-ବ୍ରିଟେନ୍

ନୂଆଦିଲ୍ଲୀରେ ଗତକାଲି ଭାରତ ଓ ବ୍ରିଟେନ ମଧ୍ୟରେ ଅନୁଷ୍ଠିତ ରଣନୈତିକ ଆଲୋଚନାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବେଳେ ବ୍ରିଟେନର ପ୍ରତିନିଧିତ୍ୱ କରିଥିଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ୟୁନାଇଟେଡ୍ ଟିମ୍ ବାରୋ। ଦୁଇ ପ୍ରତିନିଧି ବ୍ୟାପକ ରଣନୈତିକ ଭାଗିଦାରୀ ଏବଂ ବିଶ୍ୱ ସୁରକ୍ଷା ଆହ୍ୱାନକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଉଭୟ ପକ୍ଷ ସମସ୍ତ ସୁରକ୍ଷା ପ୍ରସଙ୍ଗରେ ବ୍ୟାପକ ଆଲୋଚନା କରିଛନ୍ତି । ଏହି ବୈଠକରେ ପ୍ରଯୁକ୍ତି ବିଦ୍ୟା ଏବଂ ନିରାପତ୍ତା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଭାରତ ଓ ବ୍ରିଟେନ୍ ମଧ୍ୟରେ ବୃଦ୍ଧିପାଉଥିବା ସହଯୋଗ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି। ଉଭୟ ପକ୍ଷ ଆଞ୍ଚଳିକ ପ୍ରସଙ୍ଗ ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ବୈଶ୍ୱିକ ପ୍ରସଙ୍ଗଉପରେ ମଧ୍ୟ ଆଲୋଚନା କରିଛନ୍ତି। ଏହି ଗସ୍ତ ଭାରତ ଓ ବ୍ରିଟେନ ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ପ୍ରୋତ୍ସାହିତ କରିବ ।

ବ୍ରିଟେନର ଜାତୀୟ ସୁରକ୍ଷା ପରାମର୍ଶଦାତା ଟିମ୍ ବାରୋ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କରଙ୍କୁ ଭେଟି ଅନେକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସେମାନେ ଭାରତ ଓ ବ୍ରିଟେନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ର ସମୀକ୍ଷା କରିଥିଲେ ।

# ଟିଏନ୍ ଭୋଟ୍

ଆସନ୍ତା ୧୩ ତାରିଖରେ ହେବାକୁ ଥିବା  ମତଦାନ ନିମନ୍ତେ ତେଲେଙ୍ଗାନାରେ ପ୍ରଚାର ପାଇଁ ଆଉ ମାତ୍ର ଗୋଟିଏ ଦିନ ବାକି ଥିବା ବେଳେ ରାଜ୍ୟରେ ରାଲି ଓ ପ୍ରଚାର ଜୋରସୋରରେ ଚାଲିଛି । ସବୁ ପ୍ରମୁଖ ରାଜନୈତିକ ଦଳର ଶୀର୍ଷ ନେତାମାନେ ନିଜ ପ୍ରାର୍ଥୀଙ୍କ ପାଇଁ ଭୋଟରଙ୍କ ସମର୍ଥନ ହାସଲ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି ।

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆଜି ନାରାୟଣପେଟ୍ ଏବଂ ହାଇଦ୍ରାବାଦରେ ଦୁଇଟି ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଆଜି ସନ୍ଧ୍ୟାରେ ହାଇଦ୍ରାବାଦର ଏଲ୍.ବି ଷ୍ଟାଡିୟମରେ ହେବାକୁ ଥିବା ଏହି ସଭା ତେଲେଙ୍ଗାନାରେ ଶ୍ରୀ ମୋଦୀଙ୍କ ଶେଷ ନିର୍ବାଚନୀ ରାଲି ହେବ ।

ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧି ଗତକାଲି ସନ୍ଧ୍ୟାରେ ମେଡକ ଜିଲ୍ଲାର ନରସାପୁର ଏବଂ ହାଇଦ୍ରାବାଦର ସରୁରନଗରରେ ଦୁଇଟି ଜନସଭାକୁ ସମ୍ବୋଧିତ କରିଥିଲେ ।  ସମାଜର ସବୁ ବର୍ଗର ସମର୍ଥନରେ ସମ୍ବିଧାନକୁ ରକ୍ଷା କରିବା ପାଇଁ ତାଙ୍କ ଦଳର ପ୍ରତିବଦ୍ଧତାକୁ ଶ୍ରୀ ଗାନ୍ଧୀ ଦୋହରାଇଥିଲେ ।

ବିଜେପି ରାଜ୍ୟସଭା ସଦସ୍ୟ ତଥା ଓବିସି ଜାତୀୟ ମୋର୍ଚ୍ଚା ସଭାପତି କେ ଲକ୍ଷ୍ମଣ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଧର୍ମ, ଜାତି ଏବଂ ଭାଷା ଆଧାରରେ ଦେଶକୁ ବିଭାଜନ କରିବାକୁ ଚେଷ୍ଟା କରୁଛି । ହାଇଦ୍ରାବାଦରେ ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଦଳ

ପାଇଁ ଏହା କିଛି ନୂଆ କଥା ନୁହେଁ କାରଣ ବର୍ଷ ବର୍ଷ ଧରି ଦଳ ଲୋକଙ୍କୁ ବିଭାଜନ କରିବା ପାଇଁ ବିଭାଜନକାରୀ କୌଶଳ ଅବଲମ୍ବନ କରିଆସୁଛି ।

## ପିଏମ୍ ବାସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାସବ ଜୟନ୍ତୀ ଅବସରରେ ଜଗଦଗୁରୁ ବାସୱେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ  ଟୁଇଟ୍ କରି ଶ୍ରୀ ମୋଦୀ କହିଛନ୍ତି, ଜଗଦଗୁରୁ ବାସୱେଶ୍ୱରଙ୍କ ମହାନ ଚିନ୍ତାଧାରା ଲକ୍ଷ ଲକ୍ଷ ଜୀବନର ମାର୍ଗକୁ ଉଜ୍ଜ୍ୱଳ କରିଥାଏ ।

## ଆପ୍

ଆମ୍ ଆଦମୀ ପାର୍ଟି ଆଜି ଅଭିଯୋଗ କରିଛି ଯେ ବିଜେପି ଦରବୃଦ୍ଧି ନେଇ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି । ଦଳର ବରିଷ୍ଠ ନେତା ସୌରଭ ଭରଦ୍ୱାଜ ଗଣମାଧ୍ୟମକୁ କହିଛନ୍ତି ଯେ ବର୍ତ୍ତମାନର ସରକାରଙ୍କ ଅମଳରେ ଦେଶ କ୍ଷୁଧା ସୂଚକାଙ୍କରେ ନୈରାଶ୍ୟଜନକ ପ୍ରଦର୍ଶନ କରୁଛି । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖର୍ଚ୍ଚ ଅନୁପାତରେ ଆୟ ବୃଦ୍ଧି ପାଇନାହିଁ ବୋଲି ସେ ଦାବି କରିଛନ୍ତି ।

## ପିଏମ୍-ଅକ୍ଷୟତୃତୀୟା

ଅକ୍ଷୟ ତୃତୀୟା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟରେ ଏହି ଶୁଭ ଅବସର ଲୋକମାନଙ୍କୁ ଦାନ ପ୍ରତି ଉତ୍ସାହିତ କରିବା ସହ ସମସ୍ତଙ୍କ ଜୀବନରେ ନୂତନ ଶକ୍ତି ଏବଂ ଉତ୍ସାହ ସୃଷ୍ଟି କରିବ  ବୋଲି କହିଛନ୍ତି ।

# ପିଏମ୍-କଂଗ୍ରେସ

ଧାର୍ମିକ ସଂରକ୍ଷଣ ଆଣି କଂଗ୍ରେସ ସମ୍ବିଧାନକୁ ବଦଳାଇବାକୁ ଚେଷ୍ଟା କରୁଛି ବୋଲି ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଅଭିଯୋଗ କରିଛନ୍ତି। ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ ଶ୍ରୀ ମୋଦି କହିଛନ୍ତି ଯେ ତାଙ୍କ ସରକାର ସମ୍ବିଧାନ ପରିବର୍ତ୍ତନ କରିବ ବୋଲି ସେ କେବେ କହିନାହାନ୍ତି। ସେ କହିଛନ୍ତି ଯେ ଅଭିବ୍ୟକ୍ତି ସ୍ୱାଧୀନତା ସଂଶୋଧନ କରି କଂଗ୍ରେସ ପ୍ରଥମେ ସମ୍ବିଧାନର ମୌଳିକ ଭାବନା ଉପରେ ଆକ୍ରମଣ କରିଛି। ଜାତି, ବର୍ଣ୍ଣ ଓ ଧର୍ମ ଆଧାରରେ କୌଣସି ଭେଦଭାବ ହେବା ଉଚିତ୍ ନୁହେଁ।

ନିକଟରେ କଂଗ୍ରେସ ନେତା ସାମ୍ ପିତ୍ରୋଡା ଭାରତୀୟଙ୍କ ବିଷୟରେ ଦେଇଥିବା ମନ୍ତବ୍ୟ କଂଗ୍ରେସର ମାନସିକତାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି। ଭାରତ ଭଳି ଦେଶରେ ଯେଉଁଠି ଲୋକମାନେ କୃଷ୍ଣଙ୍କୁ ପୂଜା କରନ୍ତି, ସେଠାରେ କଳା କିମ୍ବା ଧଳା ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ଶ୍ରୀ ମୋଦୀ କହିଛନ୍ତି, ଭାରତ ବିବିଧତା ମଧ୍ୟରେ ଏକତା ରେ ଆଶୀର୍ବାଦପ୍ରାପ୍ତ ଦେଶ ।

# ଭାଇସ୍ ଆଡମିରାଲ୍

ଭାଇସ୍ ଆଡମିରାଲ ସଞ୍ଜୟ ଭଲ୍ଲା ଆଜି ଭାରତୀୟ ନୌସେନାର ଚିଫ୍ ଅଫ୍ ପର୍ସନାଲ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାନୁଆରୀ ୧, ୧୯୮୯ରେ ସେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ । ଦୀର୍ଘ

୩୫ ବର୍ଷର କ୍ୟାରିୟରରେ ସେ ଉଭୟ ସାମୁଦ୍ରିକ ଓ ସାମୁଦ୍ରିକ କ୍ଷେତ୍ରରେ ଅନେକ ବିଶେଷଜ୍ଞ, କର୍ମଚାରୀ ଏବଂ ପରିଚାଳନାଗତ ନିଯୁକ୍ତି ପାଇଛନ୍ତି।

ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ କୌଶଳରେ ତାଙ୍କର ପାଠ୍ୟକ୍ରମ ଶେଷ କରିବା ପରେ, ସେ ଅନେକ ଯୁଦ୍ଧ ଜାହାଜରେ ବିଶେଷଜ୍ଞ ଭାବରେ କାର୍ଯ୍ୟ କରିଛନ୍ତି । ପରବର୍ତ୍ତୀ ସମୟରେ ସେ ସମୁଦ୍ରରେ ଆହ୍ୱାନ ଏବଂ ବିପଦପୂର୍ଣ୍ଣ କମାଣ୍ଡ ଗ୍ରହଣ କରିବାର ସୌଭାଗ୍ୟ ପାଇଥିଲେ। ଏହି ନିଯୁକ୍ତି ଗୁଡ଼ିକ ମଧ୍ୟରେ ଆଇଏନଏସ ନିଶଙ୍କ, ଆଇଏନଏସ ତାରାଗିରି, ଆଇଏନଏସ ବ୍ୟାସ ଏବଂ ଫ୍ଲାଗ ଅଫିସର କମାଣ୍ଡିଂ ଇଷ୍ଟର୍ଣ୍ଣ ଫ୍ଲିଟ୍ ର ସମ୍ମାନଜନକ ନିଯୁକ୍ତି ଅନ୍ତର୍ଭୁକ୍ତ । ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ଅତି ବିଶେଷ ସେବା ପଦକ, ନୌସେନା ପଦକ ସହିତ ନୌସେନା ମୁଖ୍ୟ ଏବଂ ଫ୍ଲାଗ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ସମ୍ମାନ ପ୍ରଦାନ କରାଯାଇଛି ।

## ପାକ୍-ଆୟାର

ପାକିସ୍ତାନ କୁ ନେଇ ମଣିଶଙ୍କର ଆୟାରଙ୍କ ବୟାନ ପରେ ବିଜେପି ଆଜି କଂଗ୍ରେସକୁ ସମାଲୋଚନା କରିଛି । ପାକିସ୍ତାନ ଏକ ପରମାଣୁ ଶକ୍ତି ହୋଇଥିବାରୁ ଭାରତ ତାକୁ ସମ୍ମାନ ଦେବା ଉଚିତ ବୋଲି ଶ୍ରୀ ଆୟାର କହିଥିଲେ। ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଅଭିଯୋଗ କରିଛନ୍ତି ଯେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନର ସମର୍ଥକ ପାଲଟିଛି କଂଗ୍ରେସ ଦଳ। ଚନ୍ଦ୍ରଶେଖର କଂଗ୍ରେସ ନେତା ସାମ୍ ପିତ୍ରୋଡାଙ୍କ ଆପତ୍ତିଜନକ ବୟାନକୁ ସମାଲୋଚନା କରି ସେ କହିଛନ୍ତି ଯେ ଏହା କଂଗ୍ରେସ ଦଳର ଆଦର୍ଶ, ନୀତି ଏବଂ ଉଦ୍ଦେଶ୍ୟର ଉଦାହରଣ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ରାତି ସାଢ଼େ ୭ଟାରୁ ଆରମ୍ଭ ହେବ।

ଗତକାଲି ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୬୦ ରନରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। ୨୪୨ ରନର ଟାର୍ଗେଟକୁ ପିଛା କରି ପଞ୍ଜାବ କିଙ୍ଗସ ୧୭ ଓଭରରେ ମାତ୍ର ୧୮୧ ରନ୍ ସଂଗ୍ରହ କରିପାରିଥିଲା ।